**DIRECTORATE OF EXTENSION EDUCATION**
**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
Odisha University of Agriculture & Technology
**Bhubaneswar-751003**

# ଧାନ ଫସଲରେ ମାଟିଆଗୁଣ୍ଡି ପୋକ ବା ଚକଡା ପୋକର ପରିଚାଳନା

ଖରିଫ ଧାନରେ ସାଧାରଣତଃ ସେପ୍ଟେମ୍ବରରୁ ଅକ୍ଟୋବର ମାସରେ ଏହି ପୋକ ଦେଖାଯାଏ । ତାପମାତ୍ରା ୨୮-୩୦ଡିଗ୍ରୀ ସେଲସିୟସ ଓ ମଧ୍ୟମ ଧରଣର ବର୍ଷା ତଥା ଅଧିକ ଆର୍ଦ୍ରତା ରହିଲେ ଏହି ପୋକ ଅଧିକ ଲାଗେ । ଅଧିକ ପବନ ହେଲେ ଗୋଟିଏ ବିଲରୁ ଅନ୍ୟ ବିଲକୁ ମାଟିଆଗୁଣ୍ଡି ପୋକ ସହଜରେ ଯାଇପାରେ ।

**ଚିହ୍ନଟ ଲକ୍ଷଣ :**

ପୂର୍ଣାଙ୍ଗ କୀଟଗୁଡିକ ମାଟିଆ ରଙ୍ଗର ଏବଂ ଛୋଟ ଓ ଲାମ୍ବା ଡେଣିଆ ହୋଇଥାଆନ୍ତି । କୀଟର ଅର୍ଭକଗୁଡିକର ରଙ୍ଗ ମଧ୍ୟ ମାଟିଆ ହୋଇଥାଏ । ସାଧାରଣତଃ ଉଭୟ ପୂର୍ଣାଙ୍ଗ ଓ ଅର୍ଭକ କୀଟଗୁଡିକ ଧାନବୁଦାର ମୂଳ ଭାଗରେ ମେଞ୍ଚା ମେଞ୍ଚା ହୋଇ ଲାଗିଥାନ୍ତି ।



**କ୍ଷତିର ଲକ୍ଷଣ**

ପୂର୍ଣାଙ୍ଗ ଓ ଅର୍ଭକ କୀଟଗୁଡିକ ଧାନ ଗଛରୁ ରସ ଶୋଷି ଖାଆନ୍ତି ଓ ବିଶେଷ ଗତିଶୀଳ ନୁହଁନ୍ତି । ସାଧାରଣତଃ ଧାନ କିଆରୀରେ ମଧ୍ୟ ଭାଗରୁ ଏହି ପୋକ ଆକ୍ରମଣ ଆରମ୍ଭ ହୁଏ । ଏହି ପୋକଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡିକ ହଳଦିଆ ହୋଇଯାଏ ।

ଗଛ ଉପରେ ଏହି ପୋକଗୁଡିକ ମଧୁ ଶିଶିର ତ୍ୟାଗ କରନ୍ତି ଓ ଧାନ ଗଛ ମୂଳରୁ ରସ ଶୋଷି ଖାଇଯାଆନ୍ତି, ଫଳରେ ଗଛ ଶୁଖି ମରିଯାଏ । କିଆରୀରେ ଚକଡା ଚକଡା ହୋଇ ଧାନ ଗଛ ମରିଯାଏ । ଏହାକୁ ଗୁଣ୍ଡିଆ ଜ୍ୱଳନ (Hopper burn) କୁହାଯାଏ । କ୍ରମେ ଧାନ କିଆରୀର ମଧ୍ୟ ଅଂଶରୁ ଏହା ହିଡ ପର୍ଯ୍ୟନ୍ତ ମାଡି ଆସେ ଓ ଦୂରରୁ ସମୁଦାୟ କିଆରୀଟି ପୋଡିଗଲା ଭଳି ଦେଖାଯାଏ ।



**କ'ଣ କରିବେ**

୧) ସୁବିଧା ଥିଲେ କିଆରୀରୁ ଜଳ ନିଷ୍କାସନ କରନ୍ତୁ ଓ ଦରକାର ପଡିଲେ ପୁନର୍ବାର ପାଣି ଭରି ଦିଅନ୍ତୁ ।

୨) ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରି ଦିଅନ୍ତୁ । ଏହାଦ୍ୱାରା ବୁଦା ମୂଳକୁ ସୂର୍ଯ୍ୟ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହିତ କୀଟନାଶକ ପ୍ରୟୋଗ କରିବାରେ ସୁବିଧା ହୋଇଥାଏ ।

୩) ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ ।

୪) ଏକର ପ୍ରତି ହସ୍ତ ଚାଳିତ ସ୍ପ୍ରେୟର୍ ବ୍ୟବହାର କରୁଥିଲେ ୨୦୦ ଲିଟର କୀଟନାଶକ ଦ୍ରବଣ ଓ ଶକ୍ତିଚାଳିତ ସ୍ପ୍ରେୟର୍ ବ୍ୟବହାର କରୁଥିଲେ ୬୦-୭୦ ଲିଟର କୀଟନାଶକ ଦ୍ରବଣ ସିଂଚନ କରନ୍ତୁ ।

୫) ସିଂଚନ ସମୟରେ ସ୍ପ୍ରେୟର୍ ନୋଜ଼ୋଲକୁ ବୁଦା ମୂଳକୁ ସିଂଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ  ଆସି ମୃତ୍ୟୁବରଣ କରିବେ ।

୬) ଦରକାର ପଡିଲେ ୧୦ଦିନ ଅନ୍ତରରେ  କୀଟନାଶକ ପରିବର୍ତ୍ତନ କରି ସିଂଚନ କରନ୍ତୁ ।

୭) କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ ।

**କ'ଣ କରିବେ ନାହିଁ**

୧) ମାଟିଆଗୁଣ୍ଡି ପୋକ ସଂକ୍ରମଣ ହୋଇଥିଲେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।

୨) ଗୋଟିଏ କୀଟନାଶକକୁ  ବାରମ୍ବାର ବ୍ୟବହାର କରନ୍ତୁ ନାହିଁ ।

୩) ସିନ୍ଥେଟିକ୍ ପାଇରିଥ୍ରଏଡ (ସାଇପରମେଥ୍ରୀନ, ଡେଲ୍ଟାମେଥ୍ରୀନ), କ୍ଲୋରୋପାଇରିଫସ, କ୍ୱିଇନାଲଫସ, ମିଥାଇଲ୍ ପାରାଥିଅନ୍ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମାଟିଆଗୁଣ୍ଡି ପୋକର ବଂଶ ପୁନଃରୁଥାନରେ ସହାୟକ ହୁଏ ।

୪) ଧାନ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।

୫) ଏକାଧିକ କୀଟନାଶକକୁ  ମିଶ୍ରଣ କରି ପ୍ରୟୋଗ କରନ୍ତୁ ନାହିଁ ।

୬) ବିନା ଅନୁମୋଦିତ କୀଟନାଶକ କୌଣସିମତେ ପ୍ରୟୋଗ କରନ୍ତୁ ନାହିଁ ।

❖ **ଉକ୍ତପୋକ ଦେଖାଦେଲେ ଏହାର ପ୍ରାଦୁର୍ଭାବରୁ ରକ୍ଷା ପାଇବାପାଇଁ ଗଛର ମୂଳ ଭାଗରେ ନିମ୍ନଲିଖିତ କୀଟନାଶକ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ**

| କ୍ର.ସଂ. | କୀଟନାଶକ ନାମ | ଏକର ପ୍ରତି ପରିମାଣ |
|---|---|---|
| ୧. | ଫ୍ଲୋନିକାମିଡ ୫୦% ଡବ୍ଲୁ.ଜି. | ୬୦ଗ୍ରାମ |
| ୨. | ପାଇମେଟ୍ରୋଜିନ ୫୦% ଡବ୍ଲୁ.ଜି. | ୧୨୦ଗ୍ରାମ |
| ୩. | ଡାଇନୋଟିଫୁରନ ୨୦% ଏସ.ଜି. | ୮୦ଗ୍ରାମ |
| ୪. | ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. | ୬୦ ମି.ଲି. |
| ୫.। | ଟ୍ରାଇଫ୍ଲୁମେଜୋପାଇରିନ ୧୦% ଏସ.ସି. | ୧୦୦ ମି.ଲି. |
| ୬. | ଏଥିପ୍ରୋଲ ୪୦+ ଇମିଡାକ୍ଲୋପ୍ରିଡ ୪୦% ଡବ୍ଲୁ.ଜି. | ୪୦ଗ୍ରାମ |
| ୭. | ବୁପ୍ରୋଫେଜିନ ୨୨%+ ଫିପ୍ରୋନୀଲ ୩% ଏସ.ସି. | ୨୦୦ ମି.ଲି. |
| ୮. | ଫିପ୍ରୋନୀଲ ୦.୦୪%+ଥାୟୋମେଥୋକ୍ସାମ ୪% ଏସ.ସି. | ୪୪୦ ମି.ଲି. |
| ୯. | ଇମିଡାକ୍ଲୋପ୍ରିଡ ୦.୦୬%+ ଲମ୍ବଡା ସାଇହାଲୋଥ୍ରୀନ ୦.୦୪% ଏସ.ସି. | ୩୦୦ ମି.ଲି. |

**ବି.ଦ୍ର. ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଆମକୃଷି ଦେୟମୁକ୍ତ ନମ୍ବର ୧୫୫୩୩୩ ସହ ଯୋଗାଯୋଗ କରନ୍ତୁ ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡିଶା ଓ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି**